## ସଂକ୍ଷେପରେ

### ଗଜପତିରୁ ପୁଣି ୨୦ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୬।୯(ସ୍ୱ.ପ୍ର.): ଗଜପତିରେ ଶନିବାର ୨୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୋଟ ୮୬୦ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୬୦ରେ ପହଞ୍ଚିଛି। ଆର୍. ଉଦୟଗିରି ବ୍ଲକରୁ ସର୍ବାଧିକ ୯ଜଣ, ମୋହନାରୁ ୪ଜଣ, ପାରଳାଖେମୁଣ୍ଡି ସହରାଞ୍ଚଳରୁ ୪ଜଣ, ରାୟଗଡ, କାଶୀନଗର ଓ ଗୋଷାଣୀ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଆସିକା,୨୬।୯(ଡି.ଏନ୍.ଏ.): ଆସିକା - ବ୍ରହ୍ମପୁର ୫୯ ନଂ ଜାତୀୟ ରାଜପଥର କରଞ୍ଜେଇ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବଛପଲ୍ଲୀ ଗ୍ରାମର ରଞ୍ଜନ ବେହେରା (୨୭)। ରଞ୍ଜନ ବ୍ରହ୍ମପୁରରୁ କିଛି ଔଷଧ ଧରି ନିଜ ଭଉଣୀ ଘର କାଳଷଣ୍ଡପୁର ଗ୍ରାମକୁ ବାଇକ୍‌ରେ ଆସୁଥିଲା ବେଳେ ଆସିକାରୁ ବ୍ରହ୍ମପୁର ପଟକୁ ଯାଉଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ରଞ୍ଜନଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ମୃତକଙ୍କ ଭିଣୋଇ ସୁଧୀରକାନ୍ତ ବେହେରା ଏ ସମ୍ପର୍କରେ ଆସିକା ଥାନାରେ ଅଭିଯୋଗ କରିଥିଲେ। ନଂ. ୪୯୦/୨୦ରେ ମାମଲା ରୁଜୁ କରାଯାଇଛି।

### ରେଡକ୍ରସ୍ ପକ୍ଷରୁ କରୋନା ସଚେତନତା

ଭଞ୍ଜନଗର,୨୬।୯(ଡି.ଏନ.ଏ.)-ଭଞ୍ଜନଗର ବ୍ଲକ ଗୋଲାପଡ଼ା ହାଇସ୍କୁଲ ଜୁନିୟର ରେଡକ୍ରସ ପକ୍ଷରୁ ଶନିବାର ଗୋଲାପଡ଼ା ଗ୍ରାମରେ କରୋନା ସଚେତନତା ସପ୍ତାହ ପାଳନ କରାଯାଇଛି। କରୋନାରୁ କିଭଳି ରକ୍ଷା ପାଇହେବ ସେ ସମ୍ପର୍କରେ କ୍ୟାଡେଟ୍‌ମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଭଞ୍ଜନଗର ୟୁ.ବି.ହାଇସ୍କୁଲର ଜୁନିୟର ରେଡକ୍ରସ କାଉନସିଲର ଶଙ୍କର ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ଉପରେ କହିଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ସରୋଜ କୁମାର ଦାସ, ଜେ.ଆର.ସି କାଉନସିଲର ରୀନା ବିଶ୍ୱାଳ, ପି.କୁନିଆମ୍ମା ଦୋରା, ମନସ୍ୱିନୀ ସେଠୀ, ସୁଭଦ୍ରା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ତ୍ତ ଡାକବଙ୍ଗଳାରୁ ଚୋରି

ପାଟପୁର,୨୬।୯: ସାନଖେମୁଣ୍ଡି ବ୍ଲକ ନିକଟରେ ଥିବା ପୂର୍ତ୍ତ ଡାକବଙ୍ଗଳାରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଇନଭାଇଟାର, ବ୍ୟାଟେରୀ, ସାନିଟାଇଜର, ଚୋରି କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶୋକ କୁମାର ପାହାନ ଶନିବାର ପାଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୩୭/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୧୧ ହଜାର ଏକରରେ ଗୋରୁଙ୍କ ପାଇଁ ଚାରା

ଛତ୍ରପୁର, ୨୬।୯(ଡି.ଏନ୍.ଏ.)



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ
- ବାଡିବଗିଚା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

ଛତ୍ରପୁର ଠାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରି ହେଉଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ପ୍ରଗତି ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କିତ ସମନ୍ୱୟ ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଗୁଡିକ ପୂର୍ବରୁ ଅନୁମୋଦନ ଲାଭ କରିଛି ଏବଂ ସେଗୁଡିକ ଯେପରି ଶତ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ, ବିଡିଓ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ମୋ ବାଡିବଗିଚା ଯୋଜନାରେ ହିତାଧିକାରୀ ଯେପରି ଅଧିକ ଲାଭବାନ ହୋଇପାରିବେ ସେ ଦିଗରେ ତତ୍ପରତା ପ୍ରକାଶ କରିବାକୁ ଜିଲାପାଳ ପ୍ରବର୍ତ୍ତାଇ ଥିଲେ। ଯେଉଁ ବ୍ଲକରେ ଯେଉଁ ଯୋଜନା ସଫଳତା ଲାଭ କରିଛି ଓ ହିତାଧିକାରୀ ଅଧିକ ପରିମାଣରେ ଲାଭବାନ ହେଉଛନ୍ତି ସେହି ବ୍ଲକକୁ ଅନ୍ୟ ବ୍ଲକର ବୈଷୟିକ ଯନ୍ତ୍ରୀ ଏବଂ ସମ୍ପୃକ୍ତ ଅଧିକାରୀ ପରିଦର୍ଶନ କରି ତାହା ନିଜ ବ୍ଲକରେ ମଧ କାର୍ଯ୍ୟକାରୀ କରାଇ ପାରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜେ କ୍ଷେତ୍ର ପରିଭ୍ରମଣ କରି କାର୍ଯ୍ୟ ତଦାରଖ କଲେ କାର୍ଯ୍ୟଶୈଳୀ ଉନ୍ନତମାନର ହେବ।

ଗୋରୁଙ୍କ ପାଇଁ ଚାରା କିପରି ଉତ୍ପାଦିତ ହୋଇପାରିବ ସେଥିପାଇଁ ୧୧ ହଜାର ଏକର ଜମିରେ ଚାରା ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୬୭୮ ହଜାର ଏକର ଅନୁମୋଦନ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ଯେପରି କାର୍ଯ୍ୟ ଆରମ୍ଭ ହେବ ସେନେଇ ଗରୁତ୍ୱ ଦିଆଯାଇଛି। ଓଡିଶା ଜୀବିକା ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଉଦ୍ୟାନ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ କିଭଳି ସମ୍ପନ୍ନ ହେବ ସେନେଇ ଆଲୋଚନା ହୋଇଛି। ଏହି ସମନ୍ୱୟ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସମସ୍ତ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ରାୟ, ଖଣ୍ଡୀୟ ବନ ଅଧିକାରୀ ଅମ୍ଲାନ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବୈଷୟିକ ସଞ୍ଜୟ କୁମାର ରଥ, ପ୍ରକଳ୍ପ ନିର୍ଦ୍ଦେଶକ ୱାଟର ସେଡ୍ ପ୍ରଶାନ୍ତ କୁମାର ହଜାରୀ, ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନ୍ୟାୟ ପାଇଁ ଡିଆଇଜିଙ୍କ ଦ୍ୱାରସ୍ଥ ହେଲେ ମା'

ବ୍ରହ୍ମପୁର ଅଫିସ,୨୬।୯

**ମୃତଦେହ ଉଦ୍ଧାର ଘଟଣା**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅଞ୍ଚଳରୁ ଜନୈକା ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣାରେ ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ସେନେଇ ଯୁବତୀଙ୍କ ମା' ଆଇନଜୀବୀ ଶ୍ରୀକାନ୍ତ ପାଢ଼ୀଙ୍କ ମାଧମରେ ଶନିବାର ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

ପ୍ରକାଶ ଯେ, ମେ ୧୦ ଦିନ କେ.ନୂଆଗାଁ ଥାନା ଦେଖାଲି ଗ୍ରାମର ଜଣେ ଯୁବତୀ କଣ୍ଟେଇଯୋଡ଼ି ନଦୀପଠାକୁ ଲୁଗା ସଫା କରିବାକୁ ଯାଇଥିଲେ। ହେଲେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରେ ତାଙ୍କ ମା' ଝିଅକୁ ଖୋଜାଖୋଜି କରି ନଦୀପଠାକୁ ଆସିଥିଲେ। ସେଠାରେ ଝିଅ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଏବଂ ତା'ଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ତେବେ ଝିଅର କେମିତି ଏଭଳି ଅବସ୍ଥା ହେଲା, କିଏ ତାଙ୍କୁ ହତ୍ୟା କଲେ କିଛି ବୁଝିପାରି ନ ଥିଲେ। ଝିଅ ସହିତ କିଛି ଘଟିଥିବା ସନ୍ଦେହରେ ପରିବାରବର୍ଗ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପୋଲିସ କର୍ଣ୍ଣପାତ କରୁ ନ ଥିବା ଡିଆଇଜିଙ୍କ ନିକଟରେ ମା'ଅଭିଯୋଗ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦେଇ ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି। ଆବଶ୍ୟକସ୍ଥଳେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଆଇନଜୀବୀ ପାଢ଼ୀ ଦାବି କରିଛନ୍ତି।

# ଗାଡ଼ି ଧକ୍କାରେ କୃଷ୍ଣସାର ମୃତ



ଦିଗପହଣ୍ଡି,୨୬।୯(ଡି.ଏନ.ଏ.)

ଦିଗପହଣ୍ଡି–ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥର ଖେମୁଣ୍ଡି କଲେଜ ନିକଟରେ ଶନିବାର ମଧ୍ୟାହ୍ନରେ ଗାଡ଼ି ଧକ୍କାରେ କୃଷ୍ଣସାର ମୃଗ ମୃତ୍ୟୁ ଘଟିଛି। ବନବିଭାଗ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃଗର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ମୃତ କୃଷ୍ଣସାର ମୃଗଟି ଅଣ୍ଡିରା ଏବଂ ବୟସ ପ୍ରାୟ ୩ ବର୍ଷ ହେବ। ମୁଣ୍ଡରେ ଗଭୀର ଆଘାତ କାରଣରୁ ନାକରୁ ରକ୍ତସ୍ରାବ ହୋଇ ମୃଗଟି ମୃତ୍ୟୁବରଣ କରିଥିବା ଡାକ୍ତର କହିଛନ୍ତି। ଅନ୍ୟପଟେ ବନ ବିଭାଗ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର (ଏସଓପି) ଅନୁସାରେ ସ୍ଥାନୀୟ କେନ୍ଦ୍ରୀୟ ନର୍ସରୀ ପରିସରରେ ମୃତଦେହକୁ ପୋତି ଦିଆଯାଇଥିବା ରେଞ୍ଜର କହିଛନ୍ତି।



ଜବତ କାଠ ଓ ଚଢ଼ାଉରେ ସାମିଲ କର୍ମଚାରୀ।

# ମୂଲ୍ୟବାନ୍ କାଠ ସହ ଯନ୍ତ୍ରାଂଶ ଜବତ

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ଜଗତପାଟଣାର ଜଣେ କାଠ ବ୍ୟବସାୟୀଙ୍କ ଘରେ ଶନିବାର ପୋଲିସ ଓ ବନ ବିଭାଗ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ କରିଛି। କୌଶଳକ୍ରମେ ଅଭିଯୁକ୍ତ ଫେରାର ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜଗତପାଟଣାର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ବେଆଇନ ଭାବେ କାଠ ବ୍ୟବସାୟ କରୁଥିଲେ। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶକ୍ରମେ ସର୍ଚ୍ଚ ୱାରେଣ୍ଟ ବଳରେ ଭଞ୍ଜନଗର ଫରେଷ୍ଟ ମୋବାଇଲ ଷ୍ଟାଫ୍, ବୁଗୁଡ଼ା ବନ ବିଭାଗ ଏବଂ ପୋଲିସ ଉକ୍ତ ବ୍ୟବସାୟୀଙ୍କ ଘରେ ଚଢାଉ କରିଥିଲେ। ସେଠାରୁ ଶାଗୁଆନ, ଶାଳ, କଷି, ଜାମୁ, ପଣସ, ଫାସି ଆଦି ୫୨ ଘନଫୁଟର ମୂଲ୍ୟବାନ ସାଇଜ କାଠ ଜବତ କରିବା ସହ କାଠକଟାରେ ବ୍ୟବହୃତ ୯ଟି ମେଶିନ (ଯନ୍ତ୍ରାଂଶ) ମଧ ଜବତ ହୋଇଛି। ଏନେଇ ବିଭାଗ କାର୍ଯ୍ୟାଳୟ କେସ ନଂ. ୩୦୩/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି।

# କୃଷି ବିଲ୍‌କୁ ବିରୋଧ କରି ରାଲି

କାଶୀନଗର,୨୬।୯

ସଂସଦରେ ପାସ୍ ହୋଇଥିବା କୃଷି ବିଲ୍‌କୁ କୃଷକ ସର୍ବନାଶକାରୀ ବିଲ୍ ଭାବେ ଚିତ୍ରଣ କରି ପ୍ରଚାର ପତ୍ର ବାଣ୍ଟିବା ସହ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡିଶା ଶାଖା କାଶିନଗର ବ୍ଲକ ୟୁନିଟ ତରଫରୁ ଶୁକ୍ରବାର ରାଲି ଓ ଶୋଭାଯାତ୍ରା କରାଯାଇଥିଲା। ବସ୍‌ଷ୍ଟାଣ୍ଡରୁ ରାଲି ବାହାରି ତହସିଲ କାର୍ଯ୍ୟାଳୟ ଦେଇ ଷ୍ଟେଟ୍ ବ୍ୟାଙ୍କ ଛକରେ ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। କେଦାର ଶବର, ଶମ୍ବର ଶବର, ଜୁନେସ ମାଳୀ, ସମ୍‌ସନ ଗମାଙ୍ଗ ବକ୍ତବ୍ୟ ରଖି ଅତ୍ୟାବଶକ୍ୟ ସାମଗ୍ରୀ ଆଇନ ୧୯୫୫ର ସଂଶୋଧନ, କୃଷିଜାତ ସାମଗ୍ରୀ ବିପଣନ ଓ କାରବାର, କୃଷକ ରାଜିନାମା ସଂକ୍ରାନ୍ତ ମୂଲ୍ୟ ସୁନିଶ୍ଚିତତା ଏବଂ କୃଷି ସେବା ବିଲ୍ ୨୦୨୦ର ବିରୋଧ କରିଥିଲେ। ସେମାନେ ରାସ୍ତା ଅବରୋଧ କିମ୍ବା ଦୋକାନ ବଜାର ବନ୍ଦ କରିନଥିଲେ।

# ଜିତେନ୍ଦ୍ରଙ୍କୁ ମିଳିଲା ସହାୟତା

ଖଜୁରିପଡ଼ା/ବଲସକୁମ୍ପା, ୨୬।୯(ଡି.ଏନ.ଏ.)

ଖଜୁରିପଡା ବ୍ଲକ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ କ୍ଷେତାପାୟୁ ଗାଁର ଜିତେନ୍ଦ୍ର କୁମାର୍ ସେଠୀ (୩୩)ଙ୍କ ଆଧାର କାର୍ଡ ଫଟୋ ବାରମ୍ବାର ଉଠାଇବା ସତ୍ତ୍ୱେ ନାକଚ ହୋଇଯାଇଥିଲା। ଏଥିପାଇଁ ସେ ସରକାରୀ ସହାୟତା କିଛି ପାଇପରୁ ନଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ଜିତେନ୍ଦ୍ରଙ୍କ ଘରେ ପହଞ୍ଚି ସମସ୍ତ ସମସ୍ୟା ବୁଝିଥିଲେ। ଶନିବାର ସରକାରୀ ରାଶନ ଚାଉଳ ପାଇବା ପାଇଁ ଚାଉଳ କାର୍ଡ ତିଆରି କରି ବଲସକୁମ୍ପା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦେଇଥିଲେ। ସେଠାରୁ ଯୋଗାଣ ସହାୟିକା ସୌଭାଗିନି ସାହାଣୀ ଜିତେନ୍ଦ୍ରଙ୍କୁ ୧୦ କିଲୋ ଚାଉଳ ପ୍ରଦାନ କରିଛନ୍ତି।

# ସାର ନ ପାଇ ଫେରିଲେ ଚାଷୀ

ଶେରଗଡ଼,୨୬।୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ଗୋବିନ୍ଦପୁର ସେବା ସମବାୟ ସମିତିରେ ଶନିବାର ଚାଷୀମାନେ ସାର ପାଇଁ ହୋହଲ୍ଲା କରିବା ସହ ବହୁ ଚାଷୀ ସାର ନପାଇ ନିରାଶରେ ଫେରିଛନ୍ତି। ବର୍ତ୍ତମାନ ସାର ନିହାତି ଦରକାର ଥିବା ବେଳେ ୟୁରିଆ, ଗ୍ରୋମର ସାର ପାଇଁ ଚାଷୀମାନେ ଶନିବାର ସକାଳୁ ଗୋବିନ୍ଦପୁର ସେବା ସମବାୟ ସମିତି ଆଗରେ ରୁଣ୍ଡ ହୋଇଥିଲେ। ପ୍ରାୟ ୫୦୦ରୁ ଅଧିକ ଚାଷୀ ଅପେକ୍ଷା କରିଥିବାବେଳେ ମୋଟ ୨୦୦ ବସ୍ତା ସାର ଆସିଥିଲା। ସମିତି ସମ୍ପାଦକ ମାତ୍ର ୨ଶହ ଚାଷୀଙ୍କୁ ସାର ଦେଇ ଅନ୍ୟମାନଙ୍କୁ ଫେରାଇ ଦେଇଥିଲେ। ସକାଳୁ ଅପେକ୍ଷା କରିଥିବା ଚାଷୀ ହୋହଲ୍ଲା କରି ଶେଷରେ ନିରାଶ ହୋଇ ଫେରିଥିଲେ।

# ଡ୍ରେନ୍ କାମ ଯୋଗୁ ଯାତାୟାତରେ ସମସ୍ୟା

ପାରଳାଖେମୁଣ୍ଡି,୨୬।୯(ସ୍ୱ.ପ୍ର.)



ପାରଳାଖେମୁଣ୍ଡି ପୌର ପରିଷଦ ୱାର୍ଡ ନଂ.୧୬ର ଉପକାରାଗାରକୁ ଲାଗିରହିଥିବା ରାସ୍ତା ପାର୍ଶ୍ୱରେ ଏକ ଡ୍ରେନ କାମ ବାରମ୍ବାର କରାଯାଉଥିବା ଦେଖିବାକୁ ମିଳୁଛି। କାମ ସମ୍ପୂର୍ଣ୍ଣ ହେବାର ନା ଧରୁନାହିଁ। ଏହା ସହରର ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାବେଳେ ଏହି ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ଜିଲାସ୍ତରୀୟ ଦପ୍ତର ଏପରିକି ପୂର୍ତ୍ତ ବିଭାଗର ୩ ଗୋଟି କାର୍ଯ୍ୟାଳୟକୁ ଲୋକମାନେ ଯାତାୟାତ କରିଥାନ୍ତି। ବର୍ତ୍ତମାନ ନାଳ ଖୋଳାଯାଇଥିବାବେଳେ ବର୍ଷା ହେଲେ କର୍ଦ୍ଦମାକ୍ତ ହୋଇପଡୁଛି। ଫଳରେ ଏଠାରେ ଅନେକ ଦୁର୍ଘଟଣା ଘଟୁଛି। ଏହାସହ ଉପକାରାଗାରର ଆବର୍ଜନା ଜଳ ସେଠାରେ ଲିକେଜ୍ ହୋଇ ମୁଖ୍ୟ ରାସ୍ତାକୁ ଆସୁଥିବାରୁ ଅଞ୍ଚଳଟି ଦୂଷିତ ଏବଂ ଦୁର୍ଗନ୍ଧମୟ ହୋଇପଡୁଛି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରକଳ୍ପ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପାରଳାଖେମୁଣ୍ଡି,୨୬।୯(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ସହରରେ ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ମଧ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର କାଶୀନଗର ରାସ୍ତାର ଗୁମ୍ମାଗଡ଼ ନାଳ ନିକଟକୁ ଅଧିକାରୀମାନେ ପରିଦର୍ଶନରେ ଯାଇଥିଲେ। ସେହିପରି ମୁଖ୍ୟତଃ ସହରର ଆବର୍ଜନା ଗୁଡିକୁ ଫିକେଲ ଟ୍ରିଟ୍‌ମେଣ୍ଟ ମାଧମରେ ସାର ପ୍ରସ୍ତୁତ କରାଯାଇ କିପରି ତାହା ଉପଯୋଗ ହେବ ସେହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିନେଇ ସହରର ସୀତାସାଗର ନିକଟକୁ ଶନିବାର ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ପ୍ରମୁଖ ପରିଦର୍ଶନରେ ଯାଇଥିଲେ।

# ଯୁବନେତା ନଚିକେତାଙ୍କୁ ସମ୍ବର୍ଦ୍ଧନା

ଆସିକା,୨୬।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ରୂପେ ନଚିକେତା ସ୍ୱାଇଁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଆସିକାରେ ତାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଇକ ଶୋଭାଯାତ୍ରାରେ ନଚିକେତାଙ୍କୁ କବିସୂର୍ଯ୍ୟନଗରଠାରୁ ଆସିକା ଅଣାଯାଇଥିଲା। ପଥରାଠାରେ ପୂର୍ବତନ ଏମ୍‌ପି ତଥା ନଚିକେତାଙ୍କ ବାପା ସ୍ୱର୍ଗତ ଲଡୁ କିଶୋର ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ଓ ଆସିକା ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳୀୟ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ବ୍ଲକ ବିଜେଡି ସଭାପତି ରାଜେଶ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନଚିକେତା ଯୁବ ସଭାପତି ନିଯୁକ୍ତି ପାଇଥିବାରୁ ଦଳୀୟ ସୁପ୍ରିମୋଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ଦଳର ସାଂଗଠନିକ ଅଭିବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟିକା, ବ୍ଲକ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

# ଆକ୍ରାନ୍ତ ୨୦ ହଜାର ଛୁଇଁବା ସମ୍ଭାବନା

ଛତ୍ରପୁର,୨୬।୯(ଡି.ଏନ୍.ଏ.)


ଚମାଖଣ୍ଡିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

**ଗଞ୍ଜାମ ଜିଲା**

- ଜିଲାରେ ଅଛନ୍ତି ୩୧୩ ସକ୍ରିୟ ରୋଗୀ
- ଜୁମ୍ ଭିସିରେ କୋଭିଡ୍ ମୁକାବିଲା ବୈଠକ

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦ ହଜାର ଛୁଇଁବ। ଶନିବାର ସୁଦ୍ଧା ଜିଲାରେ ୧୯,୯୯୬ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯,୪୫୭ ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ଏବେ ଜିଲାରେ ୩୧୩ ଜଣ ସକ୍ରିୟ ରୋଗୀ ଅଛନ୍ତି। କରୋନାରେ ଜିଲାର ୨୧୮ ଆକ୍ରାନ୍ତଙ୍କ ଜୀବନ ଯାଇଥିବା ବେଳେ ଅଣକୋଭିଡ୍‌ରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର କୌଣସି ଆକ୍ରାନ୍ତଙ୍କ ମୃତ୍ୟୁ ଘଟିନି। ଅନ୍ୟପକ୍ଷରେ ଜିଲାରେ ଆଉ ୬୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରେ ୯ ଜଣ କୋଭିଡ୍ ଯୋଦ୍ଧା ଅଛନ୍ତି। ସେପଟେ ୪୯ ଜଣ କରୋନାରୁ ସୁସ୍ଥ ମଧ ହୋଇଥିବା ସୂଚନା ଦିଆଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୯୭.୩ ପ୍ରତିଶତ ସୁସ୍ଥ ହେଲେଣି। ଶୁକ୍ରବାର ଜିଲାରେ ୪,୬୩୭ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୪ ଲକ୍ଷ ୯ ହଜାର ୭୨୨ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ପାଳନ ହେଉଥିବା କୋଭିଡ୍ ସପ୍ତାହର ତୃତୀୟ ଦିବସ ଶନିବାର ମଧ ବିଭିନ୍ନ ସ୍ଥାନରେ କରୋନା ଦୂର ଏବଂ ନିୟମ ପାଳନ ନେଇ ଶପଥ ପାଠ, ସଚେତନତା କାର୍ଯ୍ୟକ୍ରମ, ସଚେତନତା ରଥ ପରିକ୍ରମା, ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ, ଅକ୍ସିଜେନ୍‌ସ୍ତର ଯାଞ୍ଚ କରାଯାଇଛି। କୋଭିଡ୍ ସଖୀଙ୍କ ଦ୍ୱାରା କୋଭିଡ୍ ସଚେତନତା ପାଇଁ ବିଭିନ୍ନ ମହିଳା ସଂଘ ସଦସ୍ୟାଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା, ସ୍କୁଲ ପିଲାଙ୍କ ମଧ୍ୟରେ ଅନଲାଇନ୍‌ରେ କୋଭିଡ୍ ସଚେତନତା ସମ୍ପର୍କିତ ଡ୍ରଇଂ ପ୍ରତିଯୋଗିତା ଆୟୋଜିତ ହୋଇଛି। କୃତୀ ପ୍ରତିଯୋଗୀମାନଙ୍କୁ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏବେ ବି କରୋନାର ଭୟାବହତା ଜାରି ରହିଛି। ସମସ୍ତ ଜନସାଧାରଣ କୋଭିଡ୍ ନିୟମ ମାନି ଚଳନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି ଜିଲପାଳ କହିଛନ୍ତି। ଛତ୍ରପୁର ଏନ୍‌ଏସି ପକ୍ଷରୁ ସିନିୟର ସିଟିଜେନ୍‌ଙ୍କ ଦ୍ୱାରା କୋଭିଡ୍ ସଚେତନତା ରାଲି କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ଥିଲେ। ଜୁମ୍ ଭିସି ଜରିଆରେ କୋଭିଡ୍ କେୟାର କମିଟି ସଦସ୍ୟଙ୍କମାନଙ୍କ ସହ କୋଭିଡ୍ ମୁକାବିଲା, ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଶନିବାର ଆଲୋଚନା କରିଛନ୍ତି। ଚମାଖଣ୍ଡି ପଞ୍ଚାୟତରେ କୋଭିଡ୍ ସଚେତନତା ସପ୍ତାହ ଅବସରରେ ରାଲି, ମାସ୍କ ବଣ୍ଟନ କରାଯାଇଥିଲା। ଏଥିରେ ଛତ୍ରପୁର ଉପଜିଲାପାଳ, ବିଡିଓ ଅମ୍ବିକା ପ୍ରସାଦ ଦାଶ ଓ ତହସିଲଦାର ନୀଳମାଧବ ଭୋଇ ପ୍ରମୁଖ ସାମିଲ ଥିଲେ।

